## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୯୬.୧୪ • ପାଉଣ୍ଡ ୧୨୯.୫୧
- ୟୁରୋ ୧୧୨.୧୪ • ୟେନ୍ ୦.୬୧

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୪୪,୭୫୦ (ଭୁବନେଶ୍ୱର)
- ରୁପା : ୩,୦୫,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୫,୨୩୭.୦୦
- ନିଫ୍ଟି ୨୩,୬୪୩.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୪.୩୨ (ଭୁବନେଶ୍ୱର)
- ଡିଜେଲ୍ - ୯୫.୮୬



## ରେକର୍ଡ ୯୬ ସ୍ତରକୁ ଖସିଲା ଟଙ୍କା

# ୧ ଡଲାର=୯୬.୧୪ ଟଙ୍କା



**ନୂଆଦିଲ୍ଲୀ,୧୫।୫(ଏଜେନ୍ସି):** ଶୁକ୍ରବାର ଭାରତୀୟ ଅର୍ଥନୀତି ପାଇଁ ଏକ ବଡ଼ ଚିନ୍ତାଜନକ ଖବର ସାମ୍ନାକୁ ଆସିଛି। ନ୍ତର୍ଜାତୀୟ ବଜାରରେ ଆମେରିକୀୟ ଡଲାରର ପ୍ରଭାବ ଏବଂ ବିଶ୍ୱସ୍ତରୀୟ ଆର୍ଥିକ ଅସ୍ଥିରତା ଯୋଗୁ ଭାରତୀୟ ଟଙ୍କାର ବିନିମୟ ମୂଲ୍ୟରେ ବଡ଼ ଧରଣର ହ୍ରାସ ଘଟିଛି। ଇତିହାସରେ ପ୍ରଥମ ଥର ପାଇଁ ଭାରତୀୟ ମୁଦ୍ରା (ଟଙ୍କା) ଆମେରିକୀୟ ଡଲାର ତୁଳନାରେ ୯୬ ଟଙ୍କା ଅତିକ୍ରମ କରି ସର୍ବନିମ୍ନ ସ୍ତରକୁ ଖସିଆସିଛି। ଶୁକ୍ରବାର ଡଲାର ତୁଳନାରେ ଟଙ୍କାର ବିନିୟମ ମୂଲ୍ୟରେ ହ୍ରାସ ଘଟି ଏହା ୯୬.୧୪ ଟଙ୍କାରେ ପହଞ୍ଚିଛି, ଯାହା ପୂର୍ବ କାବରାର ଦିବସର ଏହାର ସର୍ବକାଳୀନ ନିମ୍ନ ସ୍ତର ୯୫.୯୬ ସ୍ତର ତୁଳନାରେ ଅଧିକ।

ପଶ୍ଚିମ ଏସିଆରେ ସଂଘର୍ଷ ଓ ପ୍ରମୁଖ ବିଶ୍ୱ ତୈଳ ପରିବହନ ପଥ, ହର୍ମୁଜ୍ ପ୍ରଣାଳୀ ଚାରିପାଖରେ ଉତ୍ତେଜନା ଲାଗି ରହିଥିବାରୁ ଅନ୍ତର୍ଜାତୀୟ ସ୍ତରରେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ପାଉଛି। ଏଥିପାଇଁ ଗତ କିଛି ସପ୍ତାହ ହେବ ଟଙ୍କା ଚାପରେ ରହିଛି। ଶୁକ୍ରବାର ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ବ୍ୟାରେଲ ପିଛା ୧୧୦ ଆମେରିକୀୟ ଡଲାର ପାଖାପାଖି ରହିଥିବାରୁ ଭାରତର ଆମଦାନୀ ବିଲ୍ ନେଇ ଚିନ୍ତା ବୃଦ୍ଧି ପାଇଛି। ଏହା ଦେଶର ବାହ୍ୟ କ୍ଷେତ୍ର ଉପରେ ଚାପ ସୃଷ୍ଟି ହୋଇଛି।ଭାରତ ଏହାର ୮୫% ରୁ ଅଧିକ ଅଶୋଧିତ ତୈଳ ଆବଶ୍ୟକତା ଆମଦାନୀ କରେ ଏସବୁ ଆମଦାନୀ ଆମେରିକୀୟ ଡଲାରରେ କରାଯାଏ। ତେଣୁ ଏ କ୍ଷେତ୍ରରେ ଭାରତୀୟ ମୁଦ୍ରା ଅତ୍ୟନ୍ତ ସମ୍ବେଦନଶୀଳ ସ୍ଥିତିରେ ରହିଛି। ଦୁର୍ବଳ ଟଙ୍କା ଆମଦାନୀକୁ ମଧ୍ୟ ମହଙ୍ଗା କରିଥାଏ କାରଣ ବିଶ୍ୱ ସ୍ତରରେ ଅଶୋଧିତ ତୈଳ ଆମେରିକୀୟ ଡଲାରରେ କିଣାଯାଏ। ଏହା ମୁଦ୍ରାସ୍ଫୀତି, ଇନ୍ଧନ ଖର୍ଚ୍ଚ ଏବଂ ସାମଗ୍ରିକ ଅର୍ଥନୀତି ଉପରେ ଚାପ ବୃଦ୍ଧି କରେ। ବଜାର ବିଶେଷଜ୍ଞଙ୍କ ଅନୁଯାୟୀ, ଆମେରିକୀୟ ଟ୍ରେଜେରୀ ଇଲ୍ଡରେ ବୃଦ୍ଧି ଏବଂ ଅଶୋଧିତ ତୈଳ ଦର ବଢ଼ିବା ଯୋଗୁ ଡଲାର ଶକ୍ତିଶାଳୀ ହେବାରେ ଲାଗିଛି। ଏହାର ସିଧାସଳଖ ପ୍ରଭାବ ଭାରତୀୟ ବଜାର ଉପରେ ପଡୁଛି। ଏହା ବ୍ୟତୀତ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ) ମାନେଭାରତୀୟ ପୁଞ୍ଜି ବଜାରରୁ ସେମାନଙ୍କର ପାଣ୍ଠି ପ୍ରତ୍ୟାହାର କରିବା ଫଳରେ ଟଙ୍କା ଉପରେ ଚାପ ବଢ଼ିଛି।

ଟଙ୍କାର ମୂଲ୍ୟ ହ୍ରାସ ପାଇବା ଦ୍ୱାରା ଦେଶକୁ ଆମଦାନୀ ମହଙ୍ଗା ହେବ। ବିଶେଷ କରି ଭାରତ ବାହାରୁ ଆଣୁଥିବା ତୈଳ, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଏବଂ ଯନ୍ତ୍ରପାତିର ଦାମ୍ ବଢ଼ିବ। ଏହାର ପ୍ରଭାବରେ ଦେଶରେ ମୁଦ୍ରାସ୍ଫୀତି ବା ମହଙ୍ଗା ମାଡ଼ ହେବାର ଆଶଙ୍କା ରହିଛି। ଆହୁରିମଧ୍ୟ ବିଦେଶରେ ପଢୁଥିବା ଛାତ୍ରଛାତ୍ରୀ ଏବଂ ବିଦେଶ ଭ୍ରମଣ କରୁଥିବା ଲୋକଙ୍କ ପକେଟ୍ ଉପରେ ମଧ୍ୟ ଏହା ବଡ଼ ବୋଝ ସଦୃଶ ହେବ। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଟଙ୍କାର ଏହି ଅହେତୁକ ପତନକୁ ରୋକିବା ପାଇଁ ହସ୍ତକ୍ଷେପ କରିପାରେ ବୋଲି ଆଶା କରାଯାଉଛି। ତେବେ ବିଶ୍ୱ ବଜାରର ସ୍ଥିତି ଯଦି ଏହିପରି ଜାରି ରହେ, ତେବେ ଆଗକୁ ଟଙ୍କା ଆହୁରି ଦୁର୍ବଳ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରିବ ନାହିଁ।

## ମଧ୍ୟପ୍ରାଚ୍ୟ ଅଶାନ୍ତ

# ସଙ୍କଟରେ ଭାରତୀୟ ଅର୍ଥନୀତି

### ହୁ ହୁ ହୋଇ ବଢ଼ୁଛି ବାଣିଜ୍ୟ ନିଅଣ୍ଟ
### ଏପ୍ରିଲରେ ୨୭ ଲକ୍ଷ କୋଟିକୁ ବୃଦ୍ଧି
### ଆମଦାନୀରେ ଭାରାକ୍ରାନ୍ତ ମୁଦ୍ରା ଭଣ୍ଡାର
### ସୁନା ଭରସାରେ ସରକାର




ନୂଆଦିଲ୍ଲୀ,୧୫।୫(ଏଜେନ୍ସି): ବିପଦରେ ଭାରତୀୟ ଅର୍ଥନୀତି। ସାରା ଦେଶରେ ତୈଳ ସଙ୍କଟ ବ୍ୟାପିବାରେ ଲାଗିଛି। ତୈଳ ଯୋଗାଣ ଜନିତ ସମସ୍ୟା ମଧ୍ୟରେ ଭାରତୀୟ ମୁଦ୍ରା 'ଟଙ୍କା'ର ବିନିମୟ ମୂଲ୍ୟରେ କ୍ରମାଗତ ଭାବେ ହ୍ରାସ ଦେଶର ଅର୍ଥନୀତିକୁ ଝଟ୍‌କା ପରେ ଝଟ୍‌କା ଦେବାରେ ଲାଗିଛି। ଏବେ ଦେଶ ପାଇଁ ନୂଆ ସମସ୍ୟା ଆଣିଛି ହୁ ହୁ ହୋଇ ବଢ଼ିଚାଲିଥିବା ବାଣିଜ୍ୟ ନିଅଣ୍ଟ। ମଧ୍ୟ ପ୍ରାଚ୍ୟ ଉତ୍ତେଜନା ଏବଂ ବୃଦ୍ଧି ପାଉଥିବା ଅଶୋଧିତ ତୈଳ ମୂଲ୍ୟ ଯୋଗୁଁ ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷ ମଧ୍ୟରେ ଏପ୍ରିଲରେ ଭାରତର ବାଣିଜ୍ୟ ନିଅଣ୍ଟ ୨୮.୩୮ ବିଲିୟନ ଡଲାର (ପ୍ରାୟ ୨୭ ଲକ୍ଷ କୋଟି ଟଙ୍କା)କୁ ବୃଦ୍ଧି ପାଇଛି। ଏହି ସଂଖ୍ୟା ପୂର୍ବରୁ କରାଯାଇଥିବା ବଜାର ଆକଳନ ତୁଳନାରେ ଢ଼େର ଅଧିକ। ଏହା ମାର୍ଚ୍ଚରେ ୨୦.୬୭ ବିଲିୟନ ଡଲାରର ନିଅଣ୍ଟ ତୁଳନାରେ ଯଥେଷ୍ଟ ଅଧିକ। ରଏଟର୍ସର ତଥ୍ୟ ଅନୁଯାୟୀ, ଅର୍ଥନୀତିଜ୍ଞମାନେ ଏପ୍ରିଲରେ ବାଣିଜ୍ୟ ନିଅଣ୍ଟ ୨୬.୫ ବିଲିୟନ ଡଲାର ଆକଳନ କରିଥିଲେ। ତଥାପି, ଆମଦାନୀରେ ତୀବ୍ର ବୃଦ୍ଧି ଯୋଗୁଁ ଏହି ନିଅଣ୍ଟ ଆଶାଠାରୁ ଅଧିକ ଥିଲା। ସରକାରୀ ତଥ୍ୟ ଅନୁଯାୟୀ, ଭାରତର ପଣ୍ୟଦ୍ରବ୍ୟ ରପ୍ତାନି ମାର୍ଚ୍ଚରେ ୩୮.୯୨ ବିଲିୟନ ଡଲାରରୁ ଏପ୍ରିଲରେ ୪୩.୫୬ ବିଲିୟନ ଡଲାରକୁ ବୃଦ୍ଧି ପାଇଛି। ଆମଦାନୀ ମଧ୍ୟ ୫୯.୫୯ ବିଲିୟନ ଡଲାରରୁ ୭୧.୯୪ ବିଲିୟନ ଡଲାରକୁ ବୃଦ୍ଧି ପାଇଛି।

ଭାରତ ଏହାର ଅଶୋଧିତ ତେଲର ୮୦ ପ୍ରତିଶତରୁ ଅଧିକ ଏବଂ ରନ୍ଧନ ଗ୍ୟାସ ଆବଶ୍ୟକତାର ପ୍ରାୟ ୬୦ ପ୍ରତିଶତ ଆମଦାନୀ କରିଥାଏ। ପଶ୍ଚିମ ଏସିଆ ଏହାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଇରାନ ସହିତ ଦୀର୍ଘକାଳୀନ ସଂଘର୍ଷ ଏବଂ ହର୍ମୁଜ ପ୍ରଣାଳୀରେ ପରିବହନରେ ବାଧା ଯୋଗୁଁ ଫେବୃଆରୀ ଶେଷ ପରଠାରୁ ବିଶ୍ୱରେ ଅଶୋଧିତ ତେଲ ମୂଲ୍ୟ ପ୍ରତି ବ୍ୟାରେଲ ପିଛା ୧୨୦ ଡଲାର ବୃଦ୍ଧି ହୋଇଛି। ତଥାପି, ଏହା ବର୍ତ୍ତମାନ ପ୍ରାୟ ୧୦୮ ଡଲାରରେ ରହିଛି। ଶକ୍ତି କ୍ଷେତ୍ରରୁ ଲାଗିଥିବା ଝଟ୍‌କା ଯୋଗୁଁ ଭାରତୀୟ ଟଙ୍କା ଏହି ବର୍ଷ ଏସିଆର ସବୁଠାରୁ ଖରାପ ପ୍ରଦର୍ଶନକାରୀ ମୁଦ୍ରା ପାଲଟିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକମାନଙ୍କୁ ଇନ୍ଧନ ସଂରକ୍ଷଣ କରିବାକୁ, ଘରୁ କାମକୁ ପ୍ରୋତ୍ସାହିତ କରିବାକୁ ଏବଂ ଅଣ-ଅତ୍ୟାବଶ୍ୟକୀୟ ଆମଦାନିକୁ ରୋକିବାକୁ ଅନୁରୋଧ କରିଛନ୍ତି।ଏଥିରେ ବ୍ୟାଙ୍କଗୁଡ଼ିକ କ୍ରୟ ବନ୍ଦ କରିବା ଯୋଗୁଁ ସୁନା ଆମଦାନି ୩୦ ବର୍ଷର ସର୍ବନିମ୍ନ ସ୍ତରରେ ରହିବ ବୋଲି ଆଶା କରାଯାଉଛି, ଯାହା ବାଣିଜ୍ୟ ନିଅଣ୍ଟକୁ କିଛି ପରିମାଣରେ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିବ।

ଏହାମଧ୍ୟରେ ସେବା କ୍ଷେତ୍ର କିଛିଟା ଆଶ୍ୱସ୍ତି ରିଲିଫ୍ ପ୍ରଦାନ କରିଛି। ଏପ୍ରିଲରେ, ସେବା ରପ୍ତାନି ୩୭.୨୪ ବିଲିୟନ ଡଲାର ଏବଂ ଆମଦାନି ୧୬.୬୬ ବିଲିୟନ ଡଲାର ଆକଳନ କରାଯାଇଛି। ଏହା ସାମଗ୍ରୀ ଏବଂ ସେବାର ମୋଟ ରପ୍ତାନିକୁ ୮୦.୮୦ ବିଲିୟନ ଡଲାରରେ ପହଞ୍ଚାଇଛି। ପୂର୍ବରୁ ଆମେରିକା ଭାରତର ସର୍ବବୃହତ ରପ୍ତାନି ଗନ୍ତବ୍ୟସ୍ଥଳ ଭାବରେ ରହିଛି, ଯେତେବେଳେ କି ଚୀନ ଦେଶର ସର୍ବବୃହତ ଆମଦାନୀ ଉତ୍ସ। ସରକାରୀ ତଥ୍ୟ ଅନୁଯାୟୀ, ଭାରତ ଆର୍ଥିକବର୍ଷ ୨୦୨୬ରେ ୧,୮୨୧ଟି ନୂତନ ଉତ୍ପାଦ-ଦେଶ ରପ୍ତାନି ମିଶ୍ରଣ ସ୍ଥାପନ କରିଛି, ଯାହା ଏକ ବ୍ୟାପକ ବିବିଧତା ରଣନୀତିକୁ ପ୍ରତିଫଳିତ କରୁଛି।

## ଇରାନ ବୈଦେଶିକ ମନ୍ତ୍ରୀଙ୍କ ବୟାନ

# ଆମେରିକା ଚାପରେ ଇରାନ ତେଲ କ୍ରୟ ବନ୍ଦ କରିଛି ଭାରତ

**ନୂଆଦିଲ୍ଲୀ,୧୫।୫(ଏଜେନ୍ସି):** ପାରସ୍ୟ ଉପସାଗରର ଅନେକ ଦେଶ ସହିତ ଭାରତର ଭଲ ସମ୍ପର୍କ ରହିଛି ଏବଂ ଏହି ଅଞ୍ଚଳରେ କୂଟନୀତି ଏବଂ ଶାନ୍ତି ପ୍ରତିଷ୍ଠାରେ ଭାରତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ। ସେ କହିଛନ୍ତି ଯେ ଇରାନ ଭାରତ ସହିତ ସମ୍ପର୍କକୁ ବହୁତ ଗୁରୁତ୍ୱ ଦିଏ। ଉଭୟ ପ୍ରାଚୀନ ସଭ୍ୟତା ଏବଂ ସମାନ ସାଂସ୍କୃତିକ ମୂଲ୍ୟବୋଧ ରହିଛି। ଆମେ ଭାରତ ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ବଜାୟ ରଖିବା ପାଇଁ କାର୍ଯ୍ୟ ଜାରି ରଖିବୁ। ଭାରତ ଇରାନ ତେଲର କ୍ରେତା ରହିଆସିଛି। ହେଲେ ଆମେରିକାର ପ୍ରତିବନ୍ଧକ ଯୋଗୁଁ ଭାରତ ଏଥିରୁ ବିରତି ନେଇଛି। ଇରାନ ଏହାକୁ ପୁନଃ ଆରମ୍ଭ କରିବାକୁ ପ୍ରସ୍ତୁତ। ଆମେ ସେମାନଙ୍କର ସ୍ଥିତି ବୁଝିପାରୁଛୁ, କିନ୍ତୁ ନିଷ୍ପତ୍ତି ଭାରତ ନେବାର ଅଛି। ଆମେ ଭାରତକୁ ତେଲ ଯୋଗାଣ କରିବାକୁ ପ୍ରସ୍ତୁତ। ଆମେ ଆଶା କରୁଛୁ ଯେ ପ୍ରତିବନ୍ଧକ ହଟାଇବା ମାତ୍ରେ ବାଣିଜ୍ୟ ପୂର୍ବ ପରି ପୁନର୍ବାର ଆରମ୍ଭ ହେବ ବୋଲି ଇରାନ ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି କହିଛନ୍ତି।



ତେଲ ଯୋଗାଇବାକୁ ଇରାନ୍ ପ୍ରସ୍ତୁତ

ଆରାଘଚି କହିଛନ୍ତି ଯେ ଯଦି ଆମେରିକା ଆଲୋଚନା ମାଧ୍ୟମରେ ସମାଧାନ ଚାହେଁ, ତେବେ ସେମାନଙ୍କୁ ଧୈର୍ଯ୍ୟ ରଖିବାକୁ ପଡିବ। ଆରାଘଚି ଇରାନକୁ ଅପ୍ରବର୍ତ୍ତିତ ଆକ୍ରମଣର ଶିକାର ବୋଲି କହିଛନ୍ତି। ଇରାନ କୂଟନୀତି ଏବଂ ଆଲୋଚନା ପାଇଁ ପ୍ରସ୍ତୁତ, କିନ୍ତୁ ଏହା କେବଳ ସେତେବେଳେ ହୋଇପାରିବ ଯଦି ଅନ୍ୟ ପକ୍ଷ ଏହା ପ୍ରତି ଗମ୍ଭୀର। ସେ କହିଛନ୍ତି ଯେ ବର୍ତ୍ତମାନର ସଙ୍କଟର କୌଣସି ସାମରିକ ସମାଧାନ ହୋଇପାରିବନାହିଁ। ସେ ଭାରତ ସରକାର ଏବଂ ଭାରତର ଲୋକଙ୍କଠାରୁ ଇରାନକୁ ମିଳିଥିବା ସମର୍ଥନ ଏବଂ ମାନବୀୟ ସହାୟତା ପାଇଁ କୃତଜ୍ଞତା ମଧ୍ୟ ପ୍ରକାଶ କରିଛନ୍ତି। ପାକିସ୍ତାନର ମଧ୍ୟସ୍ଥତା ପ୍ରୟାସ ସମ୍ପର୍କରେ ଆରାଘଚି କହିଛନ୍ତି ଯେ ପ୍ରୟାସ ବିଫଳ ହୋଇନାହିଁ। ଚାବାହାର ପ୍ରକଳ୍ପ ବିଷୟରେ ଏକ ପ୍ରଶ୍ନର ଉତ୍ତର ଦେଇ ଆରାଘଚି କହିଛନ୍ତି ଯେ ଏହି ପ୍ରକଳ୍ପ ଭାରତର ପ୍ରତୀକ, କିନ୍ତୁ ଆମେରିକାର ପ୍ରତିବନ୍ଧକ ଦ୍ୱାରା ଏହାର ଅଗ୍ରଗତି ମନ୍ଥର ହୋଇଛି। ଏହା ୟୁରୋପ ଏବଂ ମଧ୍ୟ ଏସିଆ ସହିତ ଭାରତର ସଂଯୋଗ ପାଇଁ ସୁବର୍ଣ୍ଣ ଦ୍ୱାର ପ୍ରମାଣିତ ହୋଇପାରେ। ଏହା ଏକ ରଣନୈତିକ ବନ୍ଦର, ଯାହା ଭାରତ ଏବଂ ଇରାନ ସହିତ ଅନ୍ୟାନ୍ୟ ଦେଶ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ସେ ଆଶା ପ୍ରକାଶ କରିଛନ୍ତି ଯେ ଭାରତ ଚାବାହାର ବନ୍ଦରରେ ଏହାର କାର୍ଯ୍ୟକଳାପ ଜାରି ରଖିବ।

## ଟିପିସିଓଡିଏଲ୍ ପକ୍ଷରୁ ଭେଣ୍ଡର ସମ୍ମିଳନୀ

**ଭୁବନେଶ୍ୱର, ୧୫।୫ (ସମିସ):** ପିଏମ୍ ସୂର୍ଯ୍ୟ ଘର: ମୁଫ୍‌ତ ବିଜିଳି ଯୋଜନା ଅଧୀନରେ ତାଲିକାଭୁକ୍ତ ଭେଣ୍ଡରମାନଙ୍କ ସହ ସମନ୍ୱୟକୁ ସୁଦୃଢ଼ କରିବା ଏବଂ ନିଜର ସେବାଯୋଗାଣ ଅଞ୍ଚଳରେ ରୁଫ୍‌ଟପ୍ ସୌର ଶକ୍ତି ବ୍ୟବହାରକୁ ବୃଦ୍ଧି କରିବା ପାଇଁ ଟିପିସିଓଡିଏଲ୍ ପକ୍ଷରୁ ଏକ ଭେଣ୍ଡର ସମ୍ମିଳନୀର ଆୟୋଜନ କରାଯାଇଥିଲା। ଭାରତ ସରକାରଙ୍କ ନୂତନ ଏବଂ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟ (ଏମଏନଆରଇ) ଦ୍ୱାରା ୨୦୨୬ ମେ ମାସକୁ 'ମନ୍ଥ ଅଫ୍ ସୋଲାର' ଭାବେ ପାଳନ କରାଯାଉଥିବା ଅବସରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା, ଯାହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ରୁଫ୍‌ଟପ୍ ସୌର ଶକ୍ତି ପ୍ରକଳ୍ପର କାର୍ଯ୍ୟକାରିତାକୁ ଶୀଘ୍ର ଶେଷ କରିବା ଏବଂ ଅକ୍ଷୟ ଶକ୍ତି ଆପଣାଇବା ସମ୍ପର୍କରେ ସଚେତନତା ସୃଷ୍ଟି କରିବା। ଏହି ଓକ୍ଟଙ୍କ୍ଟଗ୍ର;ମନ୍ଥ ଅଫ୍ ସୋଲାର' ଅଭିଯାନର ଏକ ଅଂଶ ସ୍ୱରୂପ, ଟିପିସିଓଡିଏଲ୍ ରୁଫ୍‌ଟପ୍ ସୋଲାର ସିଷ୍ଟମ ଏବଂ ସ୍ୱଚ୍ଛ ଶକ୍ତି ସମାଧାନର ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ନିଜର ସେବାଯୋଗାଣ ଅଞ୍ଚଳ ମଧ୍ୟରେ ବିଭିନ୍ନ ଉପଭୋକ୍ତା ସଚେତନତା ଏବଂ ଜନସମ୍ପର୍କ କାର୍ଯ୍ୟକ୍ରମ ମଧ୍ୟ ହାତକୁ ନେଉଛି। ଯୋଜନା ଅଧୀନରେ କାର୍ଯ୍ୟକାରିତା ରଣନୀତି, ପରିଚାଳନା କ୍ଷେତ୍ରରେ ସୁଧାର ଏବଂ ଚାଲିଥିବା କାର୍ଯ୍ୟର ଅଗ୍ରଗତି ସମ୍ପର୍କ ରେ ସମୀକ୍ଷା କରିବା ପାଇଁ ଏହି ବୈଠକରେ ସମଗ୍ର ଅଞ୍ଚଳରୁ ତାଲିକାଭୁକ୍ତ ଭେଣ୍ଡରମାନେ ଏକତ୍ର ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୨୫୦ ଜଣ ଭେଣ୍ଡର ଅଂଶଗ୍ରହଣ କରିଥିଲେ।



## ଭିନ୍ନକ୍ଷମଙ୍କୁ ସହାୟତାର ହାତ ବଢାଇଲା ବେଦାନ୍ତ ଆଲୁମିନିୟମ

**ଭୁବନେଶ୍ୱର, ୧୫।୫ (ସମିସ):** ବେଦାନ୍ତ ଆଲୁମିନିୟମ, କୁରାଲୋଇରେ ଭିନ୍ନକ୍ଷମଙ୍କ ପାଇଁ ସହାୟତାର ହାତ ବଢାଇ ସମାବେଶୀ ଗୋଷ୍ଠୀ ବିକାଶ ପ୍ରତି ନିଜର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିଛି। ୨୦୨୫ ଡିସେମ୍ବରରେ ଆରମ୍ଭ ହୋଇଥିବା ପଦକ୍ଷେପକୁ ଆଧାର କରି କମ୍ପାନୀ ନିକଟରେ ଏହି କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ଆୟୋଜନ କରିଥିଲା, ଯେଉଁଥିରେ ୧୫ ଜଣ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯାଇଥିଲା। ଏହି ପଦକ୍ଷେପ ବର୍ତ୍ତମାନ ବଞ୍ଜାରୀ, କୁରାଲୋଇ, ପିପିଲିମାଳ ଗ୍ରାମ ପଞ୍ଚାୟତ ଏବଂ ୱାର୍ଡ ନଂ ୧୭ ରେ ୩୦ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କ ନିକଟରେ ପହଞ୍ଚିଛି, ଯାହା ଗତିଶୀଳତା, ଅନ୍ତର୍ଭୂକ୍ତୀକରଣ, ସଶକ୍ତିକରଣ ଏବଂ ତୃଣମୂଳ ଗୋଷ୍ଠୀ ଯତ୍ନକୁ ସକ୍ଷମ କରିବା ଉପରେ ବେଦାନ୍ତ ଆଲୁମିନିୟମ ତାହାର ଧ୍ୟାନ କେନ୍ଦ୍ରିତ କରିଛି। ଏହି ସହାୟକ ଉପକରଣଗୁଡ଼ିକ କୁରାଲୋଇ ସରପଞ୍ଚ ସନାତନ ନାୟକଙ୍କ ସମେତ ଆଶା କର୍ମୀ ଏବଂ ସମ୍ପ୍ରଦାୟର ସଦସ୍ୟମାନଙ୍କ ଉପସ୍ଥିତିରେ ବଣ୍ଟନ କରାଯାଇଥିଲା ଯାହା ଶେଷ ସ୍ତରରେ ଥିବା ସ୍ଥାନୀୟ ଅଂଶୀଦାରମାନଙ୍କ ସହିତ ଦୃଢ଼ ସହଯୋଗ ଉପରେ ଆଲୋକପାତ କରିଥିଲା। ବେଦାନ୍ତ ଆଲୁମିନିୟମ ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ଗ୍ରାମୀଣ ଭିତ୍ତିଭୂମି ଏବଂ ତୃଣମୂଳ ସ୍ତରର କ୍ରୀଡା ଏବଂ ସଂସ୍କୃତିରେ ବ୍ୟାପକ ପଦକ୍ଷେପ ମାଧ୍ୟମରେ ଏହାର ପରିଚାଳନା କ୍ଷେତ୍ରରେ ପରିବର୍ତ୍ତନ ଆଣିବା ପାଇଁ ପ୍ରତିଶ୍ରୁତିବଦ୍ଧ।




## ଜୟଆଲୁକ୍କାସ୍ ପ୍ରାଇଡ୍ ପାର୍ଟନରସିପ୍ସ ସ୍ୱୀକୃତି ଏବଂ ଡିଜାଇନ୍ ଉତ୍କୃଷ୍ଟତାରେ ନବସୃଜନ ୨୦୨୬




**ଭୁବନେଶ୍ୱର, ୧୫।୫ (ସମିସ):** ଡଃ ଜୟ ଆଲୁକ୍କାସ୍ ଏବଂ ଶ୍ରୀମତୀ ଜଲି ଜୟ ଆଲୁକ୍କାସ୍‌ଙ୍କ ଦ୍ୱାରା ଜୟଆଲୁକ୍କାସ୍ ପ୍ରାଇଡ୍ ପାର୍ଟନରସିପ୍ସ ସ୍ୱୀକୃତି ଏବଂ ଡିଜାଇନ୍ ଉତ୍କୃଷ୍ଟତାରେ ନବସୃଜନ ୨୦୨୬ ଏଡଲକ୍ସ କନଭେନ୍ସନ୍ ଏବଂ ଏଗ୍‌ଜିବିସନ୍ ସେଣ୍ଟରରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ପ୍ରମୋଦ ଅଗରୱାଲ, ଚେୟାରମ୍ୟାନ୍, ନ୍ୟାସନାଲ୍ ଜେମ୍ସ ଏବଂ ଜୁଏଲାରୀ କାଉନସିଲ୍ ଅଫ୍ ଇଣ୍ଡିଆ, ସୁମେଶ୍ ୱାଧେରା, ପରିଚାଳନା ନିର୍ଦ୍ଦେଶକ ଏବଂ ଚିଫ୍ ଏଡିଟର୍, ଦ ଆର୍ଟ୍ ଜୁଏଲରୀ ମ୍ୟାଗଜିନ୍; ବୈଶାଳୀ ବାନାର୍ଜୀ, ପରିଚାଳନା ନିର୍ଦ୍ଦେଶକ, ପିଜି ଇଣ୍ଡିଆ, ଅଭିନେତ୍ରୀ ଅପର୍ଣ୍ଣା ବାଲମୁରଳି, ଜନ୍ ପିଲ୍ ଆଲୁକ୍କାସ୍, ସିଇଓ, ଜୟଆଲୁକ୍କାସ୍, ଥୋମାସ୍ ମ୍ୟାଥ୍ୟୁ ଏବଂ ଏଣ୍ଟୋନୀ ଜୋସ୍ ,କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ଜୟଆଲୁକ୍କାସ୍; ସୋନିଆ ଆଲୁକ୍କାସ୍ ଏବଂ ଏଲସ ଜୟ ଆଲୁକ୍କାସ୍, ଡିରେକ୍ଟରସ୍, ଜୟ ଆଲୁକ୍କାସ୍ ଏବଂ ଅନ୍ୟାନ୍ୟ ପ୍ରମୁଖ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

## ଭାରତ-ୟୁଏଇ ସମ୍ପର୍କ

# ୫ ବିଲିୟନ ଡଲାରର ପୁଞ୍ଜିନିବେଶ

**ନୂଆଦିଲ୍ଲୀ,୧୫।୫(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଗସ୍ତ କରିଛନ୍ତି। ଏହି ଗସ୍ତ କାଳରେ ଦୁଇ ଦେଶ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହା ମଧ୍ୟରେ ୫ ବିଲିୟନ ଡଲାରର ପୁଞ୍ଜିନିବେଶ, ପ୍ରତିରକ୍ଷା ସହଯୋଗ ଏବଂ ଶକ୍ତି କ୍ଷେତ୍ରରେ ରଣନୈତିକ ଭାଗିଦାରୀ ଆଦି ଚୁକ୍ତି ରହିଛି। ବର୍ତ୍ତମାନ ଇରାନ-ଆମେରିକା ଯୁଦ୍ଧ ମଧ୍ୟରେ ହର୍ମୁଜ ପ୍ରଣାଳୀରେ ପରିବହନ ବନ୍ଦ ରହିଥିବାରୁ ସାରା ବିଶ୍ୱରେ ଶକ୍ତି ସଙ୍କଟ ଦେଖାଦେଇଛି। ଏଭଳି ଭୂ-ରାଜନୈତିକ ଅସ୍ଥିରତା ଭିତରେ ଭାରତ ଓ ୟୁଏଇ ଉଭୟ ପକ୍ଷ ସ୍ଥିରତା, ପରସ୍ପର ସମ୍ପର୍କ ମଜଭୁତ ରଖିବା ଏବଂ ଆର୍ଥିକ ସ୍ଥିରତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି।

ୟୁଏଇ ଭାରତର ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପରେ ୫ ବିଲିୟନ ଆମେରିକୀୟ ଡଲାର ପୁଞ୍ଜିନିବେଶ କରିବାକୁ ସମ୍ମତି ପ୍ରକାଶ କରିଛି। ଏହି ବିପୁଳ ପରିମାଣର ଅର୍ଥ ଭାରତର ପରିବହନ, ବନ୍ଦର ଏବଂ ଲଜିଷ୍ଟିକ୍ସ କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବ।



ଏହା ଦ୍ୱାରା ଦୁଇ ଦେଶ ମଧ୍ୟରେ ବାଣିଜ୍ୟିକ ସମ୍ପର୍କ ଏକ ନୂତନ ଶିଖରରେ ପହଞ୍ଚିବ ବୋଲି ଆଶା କରାଯାଉଛି। ଶକ୍ତି କ୍ଷେତ୍ରରେ ଭାରତର ନିର୍ଭରଶୀଳତାକୁ ଦୃଷ୍ଟିରେ ରଖି ଅନେକ ଏରୁକ୍ତି ହୋଇଛି। ଏଥିରେ ପାରମ୍ପରିକ ତୈଳ ଓ ଗ୍ୟାସ ସହିତ ଅକ୍ଷୟ ଶକ୍ତି ଏବଂ ଗ୍ରୀନ ହାଇଡ୍ରୋଜେନ ଉପରେ ଗୁରୁତ୍ୱ ଦିଆଯାଇଛି। ଭାରତର ଶକ୍ତି ସୁରକ୍ଷାକୁ ନିଶ୍ଚିତ କରିବା ପାଇଁ ୟୁଏଇଏକ ଭରସାଯୋଗ୍ୟ ସହଯୋଗୀ ଭାବେ ଉଭା ହୋଇଛି। ଭାରତର ଶକ୍ତି ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ୟୁଏଇ ସହିତ ରଣନୈତିକ ପେଟ୍ରୋଲିୟମ ଭଣ୍ଡାର ଉପରେ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ବର୍ତ୍ତମାନ ସମୟରେ ଆଞ୍ଚଳିକ ଉତ୍ତେଜନା ଯୋଗୁ ଅସ୍ଥିର ଅଶୋଧିତ ବଜାର ଏବଂ ଯୋଗାଣ ବାଧା ମଧ୍ୟରେ ଏହି ଚୁକ୍ତି ଭାରତ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ୟୁଏଇର ଆଡ୍‌ନାକ୍ ହେଉଛି ଏକମାତ୍ର ବିଦେଶୀ କମ୍ପାନୀ, ଯିଏ କି ଭାରତର ଭୂତଳ ଭଣ୍ଡାରରେ ତୈଳ ସଂରକ୍ଷଣ କରୁଛି। ତେଣୁ ଦୁଇ ଦେଶ ମଧ୍ୟରେ ହୋଇଥିବା ଏହି ଡିଲ୍ ରଣନୈତିକ ସହଯୋଗକୁ ଆହୁରି ଘନିଷ୍ଠ କରିବ। ଭାରତ ପାଇଁ ଏକ ନିର୍ଭରଯୋଗ୍ୟ ଶକ୍ତି ଯୋଗାଣକୁ ସୁନିଶ୍ଚିତ କରିବା ସହ ୟୁଏଇକୁ ଏହାର ବିସ୍ତାରିତ ଅଶୋଧିତ ତୈଳ ଉତ୍ପାଦନ କ୍ଷମତା ପାଇଁ ଭାରତ ଭଳି ଏକ ସ୍ଥିର, ଦୀର୍ଘକାଳୀନ ବଜାର ପ୍ରଦାନ କରିବ। ଉଭୟ ପକ୍ଷ ତରଳ ପେଟ୍ରୋଲିୟମ୍ ଗ୍ୟାସ୍ ଯୋଗାଣ ଉପରେ ଏକ ଚୁକ୍ତିନାମା ମଧ୍ୟ କରିଛନ୍ତି। ଯାହାର ଲକ୍ଷ୍ୟ ହେଉଛି ଭାରତକୁ ସ୍ଥିର ଏବଂ ଦୀର୍ଘକାଳୀନ ଶକ୍ତି ଯୋଗାଣ ସୁନିଶ୍ଚିତ କରିବା। ପ୍ରଧାନମନ୍ତ୍ରୀଙ୍କ ୟୁଏଇ ଗସ୍ତରେ ଗୁଜରାଟର ଭାଡିନାରରେ ଏକ ଜାହାଜ ମରାମତି କ୍ଲଷ୍ଟର ସ୍ଥାପନ ପାଇଁ ଏକ ବୁଝାମଣାପତ୍ର ମଧ୍ୟ ସ୍ୱାକ୍ଷରିତ ହୋଇଛି। ଏହା ଭାରତର ସାମୁଦ୍ରିକ ଭିତ୍ତିଭୂମି ଇକୋସିଷ୍ଟମକୁ ସୁଦୃଢ଼ କରିବ ଏବଂ ଜାହାଜ ରକ୍ଷଣାବେକ୍ଷଣ ଏବଂ ମରାମତି ପାଇଁ ଏକ ଆଞ୍ଚଳିକ କେନ୍ଦ୍ର ଭାବରେ ଏହାର ସ୍ଥିତିକୁ ସପୋର୍ଟ କରିବ ବୋଲି ଆଶା କରାଯାଉଛି।

## ଏସ୍‌ଇସି ଠକେଇ ମାମଲାର ହେବ ସମାଧାନ

# ୬ ନିୟୁତ ଡଲାର ଦେବାକୁ ଆଦାନୀ ରାଜି

**ୱାଶିଂଟନ୍,୧୫।୫(ଏଜେନ୍ସି):** ଆଦାନୀ ଗ୍ରୁପ ଅଧ୍ୟକ୍ଷ ଗୌତମ ଆଦାନୀ ଆମେରିକାର ସିକ୍ୟୁରିଟିଜ୍ ଆଣ୍ଡ ଏକ୍ସଚେଞ୍ଜ କମିଶନ (ଏସ୍‌ଇସି) ଦ୍ୱାରା ଦାୟର ହୋଇଥିବା ଏକ ଠକେଇ ମାମଲାର ସମାଧାନ ପାଇଁ ୬ ନିୟୁତ ଆମେରିକୀୟ ଡଲାର (ପ୍ରାୟ ୫୦ କୋଟିରୁ ଅଧିକ ଟଙ୍କା) ଦେବାକୁ ସମ୍ମତି ପ୍ରକାଶ କରିଛନ୍ତି। ଏହି ପଦକ୍ଷେପ ଆଦାନୀ ଗ୍ରୁପ୍ ପାଇଁ ଏକ ବଡ଼ ଆଇନଗତ ଆଶ୍ୱସ୍ତି ବୋଲି ବିବେଚନା କରାଯାଉଛି।




ଏସ୍‌ଇସି ଅଭିଯୋଗ କରିଥିଲା ଯେ, ଆଦାନୀ ଗ୍ରୁପର କିଛି କମ୍ପାନୀ ଶେୟାର ବଜାର ଏବଂ ବିଦେଶୀ ପୁଞ୍ଜିନିବେଶକାରୀଙ୍କୁ ନିଜର ଆର୍ଥିକ ସ୍ଥିତି ଏବଂ ବାଣିଜ୍ୟିକ କାରବାର ବିଷୟରେ ସଠିକ୍ ତଥ୍ୟ ପ୍ରଦାନ କରିନଥିଲେ। ଏଥିସହିତ କିଛି ନିର୍ଦ୍ଦିଷ୍ଟ କାରବାରରେ ସ୍ୱଚ୍ଛତା ଅଭାବରୁ ପୁଞ୍ଜିନିବେଶକାରୀଙ୍କ ସ୍ୱାର୍ଥ ପ୍ରଭାବିତ ହେବାର ଆଶଙ୍କା ଥିଲା।ଏସଇସି ୨୦୨୪ ନଭେମ୍ବରରେ ମାମଲା ରୁଜୁ କରିଥିଲା, ଯେଉଁଥିରେ ଗୌତମ ଆଦାନୀ ଭାରତୀୟ ଅଧିକାରୀମାନଙ୍କୁ ଶହ ଶହ ମିଲିଅନ ଡଲାର ଲାଞ୍ଚ ଦେବା କିମ୍ବା ପ୍ରତିଶ୍ରୁତି ଦେବାର ନେତୃତ୍ୱ ନେଇଥିଲେ ବୋଲି ଅଭିଯୋଗ କରାଯାଇଥିଲା। କେବଳ ସେତିକି ନୁହେଁ, ୭୫୦ ମିଲିଅନ ବଣ୍ଡ ଅଫର ସହିତ ଜଡିତ ମାମାଲାରେ କମ୍ପାନୀ ଲାଞ୍ଚ ବିରୋଧୀ ନୀତି ଅବଲମ୍ବନ କଲେ ଓ ନୀତି ପାଳନ କରେ ବୋଲି ତାଙ୍କ ପୁତୁରା ମିଥ୍ୟା ଭାବରେ ପ୍ରଚାର କରିଥିଲେ ବୋଲି ଏସଇସି ଅଭିଯୋଗ କରିଥିଲା। ତେବେ ଏସଇସି ଓ ଆଦାନୀ ଗ୍ରୁପ ମଧ୍ୟରେ ହେବାକୁ ଥିବା ଏହି ବୁଝାମଣା ଅନୁଯାୟୀ, ଗୌତମ ଆଦାନୀ ଅଭିଯୋଗକୁ ସ୍ୱୀକାର କରିନାହାନ୍ତି କିମ୍ବା ଅସ୍ୱୀକାର ମଧ୍ୟ କରିନାହାନ୍ତି। ତେବେ ମାମଲାକୁ ଦୀର୍ଘଦିନ ପର୍ଯ୍ୟନ୍ତ ନ ବଢାଇ ଏହାର ପୂର୍ଣ୍ଣଚ୍ଛେଦ ପକାଇବା ପାଇଁ ସେ ଜରିମାନା ବାବଦରେ ୬ ନିୟୁତ ଡଲାର ପୈଠ କରିବାକୁ ରାଜି ହୋଇଛନ୍ତି।

